# ମେଳାରେ ଭୂମିଜ ଜନଜାତିଙ୍କ ଖଜୁରି ପତ୍ର କଳାକୃତିର ଚାହିଦା

ଆଦିବାସୀ ମେଳାର ଆଜି ଥିଲା ପଂଚମ ଦିବସ । ଖରାର କୋପ ସତ୍ୱେ ଆଦିବାସୀ ମେଳାରେ ଲୋକ ଭିଡ ଅପରାହ୍ନରୁ ଆରମ୍ଭ ହୋଇ ଯାଇଥିଲା । କିଣା ବିକାର ମାହୋଲ ସହ ଜନଜାତି କଳା ସାମଗ୍ରୀ ମେଳାରେ ଜନଜାତି କାରିଗର ମାନେ ପ୍ରସ୍ତୁତ କରୁଥିବା ବିଭିନ୍ନ ସୌଖିନ ସାମଗ୍ରୀ ପ୍ରସ୍ତୁତି ପ୍ରଣାଳୀକୁ ଦର୍ଶକମାନେ ଖୁବ୍ ଉତ୍ସୁକତାର ସହ ପରଖୁଥିଲେ । କାରିଗର ମାନଙ୍କ ସହ କଳା ସାମଗ୍ରୀ ପ୍ରସ୍ତୁତ କୌଶଳ ଉପରେ ଆଲୋଚନା କରୁଥିଲେ । ସବୁଠୁଁ ଆକର୍ଷଣୀୟ ଥିଲା ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅନ୍ତର୍ଗତ ଶାଳବଣୀରୁ ଆସିଥିବା ଭୂମିଜ ଜନଜାତିର କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା କଅଁଳ ଖଜୁରୀ ପତ୍ର ଓ ସିଆଳି ପତ୍ରରୁ ବିଭିନ୍ନ ସୌଖିନ ସାମଗ୍ରୀ । ବିଭିନ୍ନ ସୌଖିନ ସାମଗ୍ରୀ ପ୍ରସ୍ତୁତ ଉପରେ ଦର୍ଶକଙ୍କ ନଜର ଲାଗି ରହିଥିଲା । କଅଁଳ ଖଜୁରୀ ପତ୍ରକୁ ସୁନ୍ଦର ଭାବେ ସଜାଇ ଫୁଲଦାନୀ ପାଇଁ ଫୁଲ, ଫାସିଆ, ଝାଲର, କାନ୍ଥରେ ଝୁଲାଇବାର ଭିନ୍ନ ଭିନ୍ନ ଆକୃତିର ସୌଖିନ ସାମଗ୍ରୀ ବେଶ୍ ମନଲୋଭା ହେଉଛି । ଶିଆଳି ପତ୍ରର ଟୋପି, ଖରାରୁ ରକ୍ଷା ପାଇବା ପାଇଁ ଏକ ପରିବେଶ ଉପଯୋଗୀ ଓ ସୌଖିନ ହୋଇଥିବାରୁ ଏହା ପ୍ରତି ସମସ୍ତଙ୍କର ଆଗ୍ରହ ରହୁଥିଲା । ଏହି ସାମଗ୍ରୀ ଗୁଡିକ ବର୍ଷ ବର୍ଷ ଧରି ଅତୁଟ ରହୁଥିବାରୁ ଏବଂ ପରିବେଶ ଅନୁକୂଳ ହୋଇଥିବାରୁ ଏହାର ଚାହିଦା ବେଶ୍ ଭଲ ଥିବାର ଭୂମିଜ କାରିଗର ମାନେ କହନ୍ତି ।

ଆଜି ଅପରାହ୍ନରେ, ମୁଖ୍ୟ ମଂଚରେ ବାଲିଗୁଡା ଅଂଚଳରୁ ଆସିଥବା କନ୍ଧମାନଙ୍କ ପାରମ୍ପରିକ ନୃତ୍ୟ, କାପ୍ତିପଦା ଅଂଚଳର ହୋ ମାନଙ୍କ ବା ପରବ ନୃତ୍ୟ, ପାନପୋଷ ସବ୍‌ଡିଭିଜନରୁ ଆସିଥିବା ଓରାଓଁ ମାନଙ୍କ କରମା, ମୁଣ୍ଡାମାନଙ୍କ ବଡ଼କାରାମ, କାପ୍ତିପଦା ଅଂଚଳର ସାନ୍ତାଳ ନୃତ୍ୟ ଏବଂ ପାନପୋଷ ଅଂଚଳର କିସାନ ମାନଙ୍କ ନୃତ୍ୟ ବିଚିତ୍ରା ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ।  ମେଳାକୁ ଆସିଥିବା ଦର୍ଶକମାନେ କିଣାକିଣିର ଭରପୁର ଆନନ୍ଦ ନେଇଥିଲେ ।

***